



# ଭୂମିହୀନ ହିତାଧିକାରୀମାନଙ୍କୁ
# 'କାଳିଆ' ଯୋଜନାରେ
# ବତକ ପାଳନ ପାଇଁ ସହାୟତା




**ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ, ଓଡ଼ିଶା**

ମଙ୍ଗଳାବାଗ, କଟକ - ୭୫୩୦୦୧

ଫୋନ: ୦୬୭୧ - ୨୪୧୪୬୨୯

Email: dahvsorissa@gmail.com, Website: www.odishaahvs.com

# ବତକ ପାଳନ

- ବତକମାନେ ଦେଶୀ କୁକୁଡ଼ା ଅପେକ୍ଷା ୪୦-୫୦ ଟି ଅଧିକ ଅଣ୍ଡା ଦେଇଥାନ୍ତି ।
- ବତକ ଅଣ୍ଡା, କୁକୁଡ଼ା ଅଣ୍ଡାଠାରୁ ହାରାହରି ୧୫-୨୦ଗ୍ରାମ ଅଧିକ ଓଜନ ଏବଂ ଏହାର ଆକାର ମଧ୍ୟ କୁକୁଡ଼ା ଅଣ୍ଡା ଅପେକ୍ଷା ବଡ଼ ।
- ଗୋଟିଏ ଉନ୍ନତ ପ୍ରଜାତିର ବତକ ବର୍ଷକୁ ହାରାହାରି ୨୦୦-୨୫୦ ଟି ଅଣ୍ଡା ଦେଇଥାଏ ।
- ଦ୍ୱିତୀୟ ବର୍ଷରେ ମଧ୍ୟ ସମାନୁପାତିକ ଭାବରେ ବତକ ଅଣ୍ଡା ଦେଇଥାଏ ଯାହାକି କୁକୁଡ଼ା କ୍ଷେତ୍ରରେ ସଂଭବ ନୁହେଁ ।
- ବତକ ପାଇଁ ବ୍ୟୟବହୁଳ ଘରର ଆବଶ୍ୟକତା ଦରକାର ହୁଏ ନାହିଁ ।
- ବତକ ପାଇଁ ସ୍ୱତନ୍ତ୍ର ଧରଣର ଖାଦ୍ୟର ବ୍ୟବସ୍ଥା କରିବାର ଆବଶ୍ୟକତା ନାହିଁ ।
- ଘରେ ବାହାରୁଥିବା ନଷ୍ଟ ଖାଦ୍ୟ, ପରିବା ଚୋପା, ବଳକାଭାତ, ଅଧିକ ପାଚି ଯାଇଥିବା ଫଳ, ପନିପରିବା, ଗେଣ୍ଡା ଆଦି ପଦାର୍ଥକୁ ବତକ ମାନେ ସୁରୁଖୁରୁରେ ଖାଆନ୍ତି ।
- ବତକମାନେ ସାଧାରଣତଃ ଚରିବୁଲି ପୋକ, ଜୋକ, ଜିଆ, ଛୋଟ ମାଛ, ପାଣି କୂଳରେ ଥିବା ସବୁଜ ପତ୍ର ଲତା, ଦଳ, ଆଜୋଲା, ଗେଣ୍ଡା ଆଦି ଖାଇ ନିଜର ଖାଦ୍ୟ ଆବଶ୍ୟକତା ପୂରଣ କରିଥାଏ ।
- ବତକମାନେ ଖୁବ୍ କଷ୍ଟସହିଷ୍ଣୁ ତେଣୁ ଏମାନଙ୍କୁ ସାଧାରଣତଃ ସହଜରେ ରୋଗ ଆକ୍ରମଣ କରେ ନାହିଁ ।
- ସନ୍ତସନ୍ତିଆ ଜାଗା, ନଈକୂଳ, ଇତ୍ୟାଦି ଅଞ୍ଚଳରେ ବତକମାନେ ସୁନ୍ଦର ଭାବରେ ବଢ଼ି ପାରନ୍ତି ।
- ଏହା ମାଛ ଚାଷ ଓ ଧାନଚାଷ ସହ ମଧ୍ୟ ପାଳନ କରିହେବ ।
- ଆମ ରାଜ୍ୟରେ ସାଧାରଣତଃ ଅଣ୍ଡା ପାଇଁ ଖାକୀ କ୍ୟାମ୍ପବେଲ ଓ ଦେଶଜ ପ୍ରଜାତି ଏବଂ ମାଂସ ପାଇଁ ହ୍ୱାଇଟ୍ ପେକିନ୍ ଓ ମସ୍କଭି ପ୍ରଜାତିର ବତକ ମିଳନ୍ତି ।

## ଆର୍ଥିକ ସହାୟତା

| ବିବରଣୀ | ଖର୍ଚ୍ଚ (ଟଙ୍କାରେ) |
|---|---|
| ବତକ ଚିଆଁ (୪ ସପ୍ତାହ ବୟସର) – ୧୦୦ ଗୋଟି | ଟ. ୭୦୦୦/- |
| ବାସ ଗୃହ, ଉପକରଣ | ଟ. ୧୧୫୦/- |
| ଖାଦ୍ୟ ଖର୍ଚ୍ଚ (୧ - ୨ ମାସ) | ଟ. ୪୩୫୦/- |
| ମୋଟ ସହାୟତା | ଟ. ୧୨,୫୦୦/- |

- ଏହି ବତକ ପାଳନ ଦ୍ୱାରା ଜଣେ ଚାଷୀ ବତକ ଏବଂ ଅଣ୍ଡା ବିକ୍ରି କରି ବର୍ଷକୁ ହାରାହାରି ୧୮ ହଜାର ଟଙ୍କାରୁ ୨୦ ହଜାର ଟଙ୍କା ଲାଭ ପାଇପାରିବ ।
- ୨୮ ଦିନିଆ ବତକ ଛୁଆ ବତକ ପ୍ରଜନନ ଫାର୍ମ, ଖପୁରିଆ, କଟକ ଏବଂ ଚିପିଲିମା, ସମ୍ବଲପୁର ଠାରେ ଉପଲବ୍ଧ ହୋଇପାରିବ ।
- ଓଡ଼ିଶା ସରକାରଙ୍କ ପ୍ରାଣୀପାଳନ ଏବଂ ପ୍ରାଣୀ ଚିକିତ୍ସା ବିଭାଗ ତରଫରୁ ବତକମାନଙ୍କର ସ୍ୱାସ୍ଥ୍ୟ ରକ୍ଷା ଏବଂ ପ୍ରତିଷେଧକ ବ୍ୟବସ୍ଥା ନିମନ୍ତେ ସମସ୍ତ ସହାୟତା ପାଇପାରିବେ ।

## ଦକ୍ଷତା ବୃଦ୍ଧି ସୂଚନା

### ଉତ୍ପାଦନ ପୂର୍ବ ପର୍ଯ୍ୟାୟ

୬ ମାସ ପରେ ମାଈ ବତକ ଅଣ୍ଡା ଦେବା ଆରମ୍ଭ କରିବ
୬ ମାସ ପରେ ଅଣ୍ଡିରା ବତକ ବିକ୍ରି କରିବା ଉଚିତ୍

### ନିରପେକ୍ଷସଂସ୍ଥାରଭୂମିକା

୪ ସପ୍ତାହ ବତକ ଚିଆଁ ଯୋଗାଣ
ବତକ ଅଣ୍ଡା ଓ ମାଂସ ବିକ୍ରି
ପ୍ରାଣୀମିତ୍ର ଓ ଅନ୍ୟାନ୍ୟ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ହିତାଧିକାରୀଙ୍କୁ ପରାମର୍ଶ ଓ ସମୟୋପଯୋଗୀ ସହାୟତା

### ଆନୁସଙ୍ଗିକ ଆବଶ୍ୟକତା

ପାଣି ଥିବା ଓ ସନ୍ତସନ୍ତିଆ ଅଂଚଳ

ବତକ ଅଣ୍ଡା ଓ ମାଂସ ଚାହିଦା ଥିବା ଅଂଚଳ

### ସୁପାରିଶ

ଜଗା ରଖା କରିବାକୁ ପରିବାରର ଜଣେ ସଦସ୍ୟ ଦାୟିତ୍ୱ ନେବା ଆବଶ୍ୟକ
ଘରପାଖରେ ନଦୀ, ନାଳ, ପୋଖରୀ ଥିବା ବିଧେୟ

### ଆବଶ୍ୟକ ଦକ୍ଷତା

- ନିଜ ଅଂଚଳରେ ମିଳୁଥିବା ଉପାଦାନକୁ ବ୍ୟବହାର କରି ଅତିରିକ୍ତ ଖାଦ୍ୟ ପ୍ରସ୍ତୁତି
- ଅଣ୍ଡା ସଂଗ୍ରହ ଓ ସାଇତିବା ଉପାୟ

### ଆଶଙ୍କା

ବନ୍ୟଜନ୍ତୁ ପ୍ରାଦୁର୍ଭାବ
ସଂକ୍ରାମକ ରୋଗ- ବତକ ମରୁଡି

### ବ୍ୟୟ ଅଟକଳ

୧୦୦ ଟି ୨୮ ଦିନିଆ ଚିଆଁ - ଟ. ୭୦୦୦/-
ପ୍ରଥମ ୪ ସପ୍ତାହ ଦାନା ଖର୍ଚ୍ଚ - ଟ. ୪,୩୫୦/-
ଉପକରଣ ଓ ରାତ୍ରୀଆଶ୍ରୟସ୍ଥଳୀ- ଟ. ୧୧୫୦/-
ମୋଟ ଅଟକଳ -୧୨,୫୦୦/-